# NATIONAL NEWS BULLETIN (ODIA)
## 30th August' 2026
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ତାସ୍କେଣ୍ଟଠାରେ ପ୍ରଧାନମନ୍ତ୍ରୀ ଓ ଉଜ୍‌ବେକିସ୍ତାନର ରାଷ୍ଟ୍ରପତିଙ୍କ ମଧ୍ୟରେ ଅନୁଷ୍ଠିତ ହେବ ଦ୍ୱିପାକ୍ଷିକ ଆଲୋଚନା ।
- ନେପାଳ ବନ୍ୟା ପ୍ରଭାବିତ ଅଞ୍ଚଳରେ ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ସାମିଲ୍ ହୋଇଛନ୍ତି ଭାରତର ୧୧ ଜଣିଆ ବୈଷୟିକ ଦଳ ।
- ଡିଜିଟାଲ୍ ଗିରଫ ସ୍କାମ୍ ଭଳି ସମସ୍ୟା ସମାଧାନର ପନ୍ଥା ବାହାର କରିବାକୁ କେନ୍ଦ୍ର ଓ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି; କହିଲେ ପ୍ରଧାନ ବିଚାରପତି ।

ଏବଂ

- ଓଡ଼ିଶାର ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ତାଙ୍କର ୧୩୭ତମ ମନ କି ବାତ୍ କାର୍ଯ୍ୟକ୍ରମ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ପି.ଏମ୍. - ଉଜ୍‌ବେକିସ୍ତାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତାସ୍‌କେଣ୍ଟ୍‌ଠାରେ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭକାତ୍ ମିର୍ଜିୟୋ-ୟେଭ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗଦେବେ । ଏହାପୂର୍ବରୁ ସେଠାକାର ଯୋଗ ମହାସଂଘଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ମୋଦି ଯୋଗଦେବେ । ଏହାପରେ ରାଷ୍ଟ୍ରପତି ଭବନରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ବୈଠକ ହେବ । ବାଣିଜ୍ୟ ଓ ନିବେଶ, ପ୍ରତିରକ୍ଷା, ଡିଜିଟାଲ୍ ସଂଯୋଗୀକରଣ, ଶକ୍ତି, ଶିକ୍ଷା ଓ ଲୋକସମ୍ପର୍କ ଆଦି ବିଭିନ୍ନ କ୍ଷେତ୍ରରେ ସହଯୋଗ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ମତ ବିନିମୟ ହେବ । ପ୍ରତିରକ୍ଷା କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଅକଧିକ ସୁଦୃଢ଼ ହୋଇଛି ଏବଂ ବିରଳ ଖଣିଜ ପଦାର୍ଥ, ଖଣିକ୍ଷେତ୍ର, ଅନ୍ୟାନ୍ୟ ଉପଯୋଗୀ ଖଣିଜ ପଦାର୍ଥ ଏବଂ ଔଷଧ, କୃଷି ଓ ଦକ୍ଷତା ବିକାଶ କ୍ଷେତ୍ରରେ ନୂତନ ମାର୍ଗ ଉନ୍ମୁକ୍ତ କରିବା ଆଲୋଚନାରେ ସ୍ଥାନ ପାଇବାର ସମ୍ଭାବନା ରହିଛି । ଗତ ଦଶନ୍ଧି ମଧ୍ୟରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ୩୦୦ ପ୍ରତିଶତ ବୃଦ୍ଧି ପାଇଛି । ଭବିଷ୍ୟତରେ ଉଭୟ ଦେଶ ମିଳିତ ଭାବେ ବାଣିଜ୍ୟ କାରବାରକୁ ବର୍ତ୍ତମାନର ଏକ ବିଲିୟନ୍ ଡଲାରରୁ ୨ ଗୁଣକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି । ଆଲୋଚନା ପରିପ୍ରେକ୍ଷୀରେ କେତେକ ଚୁକ୍ତି ସ୍ୱାକ୍ଷରିତ ହୋଇପାରେ ।

# ନେପାଳ-ଇଣ୍ଡିଆ ଟେକ୍ନିକାଲ ଟିମ୍

ନେପାଳର ବନ୍ୟା ପ୍ରଭାବିତ ଅଞ୍ଚଳରେ ଜଳବିଦ୍ୟୁତ୍ ସୁଡ଼ଙ୍ଗ ସ୍ଥଳରେ ଅନୁସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟରେ ସହଯୋଗ ନେଇ ଭାରତର ଏକ ୧୧ ଜଣିଆ ବୈଷୟିକ ଦଳ ଇତିମଧ୍ୟରେ କାଠମାଣ୍ଡୁରେ ପହଞ୍ଚିଛନ୍ତି । ଡାକ୍ତର, ଅନ୍ୟ ସ୍ୱାସ୍ଥ୍ୟସେବା କର୍ମଚାରୀ ଏବଂ ସୁଡ଼ଙ୍ଗ କ୍ଷେତ୍ର ସହ ଜଡ଼ିତ ବୈଷୟିକ ବିଶେଷଜ୍ଞଙ୍କୁ ନେଇ ଏହି ଦଳ ସେଠାରେ କାର୍ଯ୍ୟ ଆରମ୍ଭ କରିଛି । ନୂଆକୋଟ ଜିଲ୍ଲାର ତ୍ରିଶୁଲିରେ ପହଞ୍ଚି ଏହି ଦଳ ଉଦ୍ଧାର କାର୍ଯ୍ୟରେ ସାମିଲ୍ ହୋଇଛନ୍ତି । ପ୍ରଥମେ ଚିଲିମେ ଏବଂ ଲ୍ୟାଙ୍ଗ୍‌ଟ୍ୟାଙ୍ଗ୍ ଅଞ୍ଚଳର ଆକାଶମାର୍ଗରୁ ସର୍ଭେ କରିବା ପରେ ଭାରତୀୟ ଦଳ ସୁଡ଼ଙ୍ଗ ଅଞ୍ଚଳରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ନେପାଳ ସେନା, ସଶସ୍ତ୍ର ପୁଲିସ ବାହିନୀ ଏବଂ ନେପାଳର ପୁଲିସ ସୁରକ୍ଷା କର୍ମଚାରୀଙ୍କୁ ନେଇ ଗଠିତ ଏକ ୮୨ ଜଣିଆ ଦଳ ଗତ ରାତିରେ ଭଗ୍ନାବଶେଷ ସଫା କରିବା ଏବଂ ସୁଡ଼ଙ୍ଗ ଭିତରେ ଅଟକି ରହିଥିବା ଲୋକଙ୍କୁ ଉଦ୍ଧାର କରିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ନେପାଳ ସେନା ଦେଇଥିବା ସୂଚନା ଅନୁଯାୟୀ ଦେଶର ବିଭିନ୍ନ ଜଳବିଦ୍ୟୁତ୍ ସୁଡ଼ଙ୍ଗ ପ୍ରକଳ୍ପରେ ଏପର୍ଯ୍ୟନ୍ତ ୧୯୧ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି ।

ଅନ୍ୟପକ୍ଷରେ ସେଠାକାର କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ମୃତ୍ୟୁସଂଖ୍ୟା ୬୭୫କୁ ବୃଦ୍ଧି ପାଇଛି । ପ୍ରାୟ ୨ ହଜାର ୪ ଶହ ଲୋକ ନିଖୋଜ ଅଛନ୍ତି । ସେମାନଙ୍କ ମଧ୍ୟରେ ୩୨୦ ବିଦେଶୀ ନାଗରିକ

ଅନ୍ତର୍ଭୁକ୍ତ । ୨୬୧ ବିଦେଶୀ ପର୍ଯ୍ୟଟକଙ୍କ ମିଳାଇ ୪ ହଜାର ୪୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର କାର୍ଯ୍ୟରେ ୧୫ ହଜାରରୁ ଅଧିକ ସୁରକ୍ଷାକର୍ମୀ ନିୟୋଜିତ ଅଛନ୍ତି । ହେଲିକପ୍ଟର ମାଧ୍ୟମରେ ଉଦ୍ଧାର ଏବଂ ରିଲିଫ୍ ସାମଗ୍ରୀ ଯୋଗାଣକୁ ତ୍ୱରାନ୍ୱିତ କରାଯାଇଛି । ତେବେ କେତେକ ଅଞ୍ଚଳରେ ବର୍ଷା ଏବଂ କୁହୁଡ଼ି ଏଥିରେ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ରାସୁଓ୍ୱା ଜିଲ୍ଲା ଅଧିକାରୀ ସୂଚନା ଦେଇଛନ୍ତି । ଇତିମଧ୍ୟରେ ମୁଗ୍ଲିଙ୍ଗ୍-କାଠମାଣ୍ଡୁ ରାଜପଥ ଇତିମଧ୍ୟରେ ଉନ୍ମୁକ୍ତ ହୋଇଛି । ତେବେ ବିଭିନ୍ନ ଅଞ୍ଚଳରେ ଏବେ ମଧ୍ୟ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ଥିବା ଜଣାପଡ଼ିଛି । ପ୍ରଭାବିତ ଅଞ୍ଚଳରେ ବର୍ଷା ଏବଂ ବଜ୍ରପାତ ଯୋଗୁଁ ନେପାଳ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି ।

ଭୋଟେକୋଶି ନଦୀରେ ପୁନର୍ବାର ବନ୍ୟା ଆସିବା ନେଇ ନେପାଳ ସରକାର ନଦୀକୂଳ ବାସିନ୍ଦାଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଜାତୀୟ ବିପର୍ଯ୍ୟୟ ଆହ୍ୱାନ ହ୍ରାସ ଏବଂ ପରିଚାଳନା କର୍ତ୍ତୃପକ୍ଷ ଭୋଟେକୋଶି ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ନେଇ ସୂଚନା ଦେଇଛନ୍ତି ।

## ଭି.ପି. - କେରଳମ୍ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜିଠାରୁ ଦୁଇଦିନିଆ କେରଳମ୍ ଗସ୍ତରେ ଯିବେ । କେରଳମ୍ର ଆଲାପୁଝାଠାରେ ପ୍ରକାଶିତ ହେଉଥିବା

ମାଲାୟାଲମ୍ ଦୈନିକ ପ୍ରମୁଖ ଖବରକାଗଜ 'କେରଳ କୌମୁଦୀ'ର ୧୧୫ତମ ବାର୍ଷିକ ସମାରୋହରେ ଯୋଗଦେବେ । ପରେ ଉପରାଷ୍ଟ୍ରପତି ପଥନମ୍‌ଥିଟ୍ଟାସ୍ଥିତ ବହୁ ପୁରାତନ ଏବଂ ମର୍ଯ୍ୟାଦାଜନକ ଅରନ୍‌ମୁଲା ୱାଟର ଫେଷ୍ଟିଭାଲର ଉଦ୍‌ଘାଟନ କରିବେ । ସ୍ଥାନୀୟ ପମ୍ପା ନଦୀରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଜଳକ୍ରୀଡ଼ାରେ ୫୧ଟି ସ୍ନେକ୍ ବୋଟ୍ ଅଂଶଗ୍ରହଣ କରିବେ । ଉପରାଷ୍ଟ୍ରପତି ତିରୁୱନନ୍ତପୁରମ୍‌ରେ ଓଣମ୍ ପର୍ଯ୍ୟଟନ ସପ୍ତାହ ସମାପନ ସମାରୋହ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଉପରାଷ୍ଟ୍ରପତି ଆସନ୍ତାକାଲି ଲାକ୍ଷାଦ୍ୱୀପର ଅଗତ୍ତି ଗସ୍ତ କରିବେ । ସେଠାରେ ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଗୋପାଳନ ମନ୍ତ୍ରଣାଳୟଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ଗସ୍ତ କାର୍ଯ୍ୟକ୍ରମ ଶେଷକରି କେରଳମ୍ ପ୍ରତ୍ୟାବର୍ତ୍ତନ କରି କୋଚି ସ୍ଥିତ ରାଜଗିରି School of Engineering and Technology ଆୟୋଜିତ ରୌପ୍ୟଜୟନ୍ତୀରେ ଯୋଗଦେବେ ।

## ସି.ଜେ.ଆଇ. - ଆଇସେକ୍ ଲଣ୍ଡନ

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି, ଭାରତୀୟ ନ୍ୟାୟପାଳିକା ଡିଜିଟାଲ ଗିରଫ ସ୍କାମ ଭଳି କ୍ଷେତ୍ର ଉପରେ ଉଲ୍ଲେଖନୀୟ

କାର୍ଯ୍ୟ କରିଛି । ଲଣ୍ଡନରେ ଆର୍ଥିକ ଅପରାଧ ଆଧାରିତ ୪୩ତମ ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ଯୋଗଦେଇ ଜଷ୍ଟିସ ସୂର୍ଯ୍ୟ କାନ୍ତ ଏହା କହିଛନ୍ତି । ସେ କହିଛନ୍ତି, ସୁପ୍ରିମ୍‌କୋର୍ଟ ସ୍ୱତଃପ୍ରବୃତ୍ତ ଭାବରେ ଡିଜିଟାଲ୍ ଗିରଫ ସ୍କାମ୍ ଉପରେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିଛନ୍ତି । ପୁଲିସ୍, ବିଚାର ବିଭାଗ ଅଧିକାରୀ କିମ୍ବା କୂଟନୀତିଜ୍ଞଙ୍କ ମିଥ୍ୟା ପରିଚୟ ଦେଇ କେତେକ ବ୍ୟକ୍ତିବିଶେଷ ଭିଡ଼ିଓ କଲ୍ ମାଧ୍ୟମରେ ଜନସାଧାରଣଙ୍କୁ ଠକୁଥିବାର ଦୃଷ୍ଟାନ୍ତ ପରିପ୍ରେକ୍ଷୀରେ କୋର୍ଟ ଏଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି ସମସ୍ୟାର ସମାଧାନର ପନ୍ଥା ବାହାର କରିବାକୁ କୋର୍ଟ କେନ୍ଦ୍ର ଓ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି । ଏଥିପାଇଁ ସଂସଦରେ ଆଇନ ପ୍ରଣୟନ ହେବା ପର୍ଯ୍ୟନ୍ତ କୋର୍ଟ ଅପେକ୍ଷା କରି ନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି । ଭାରତରେ ଆଇନ ଏବଂ ବିଚାର ବିଭାଗୀୟ ବ୍ୟବସ୍ଥା ପ୍ରତ୍ୟେକ ଅଂଶୀଦାରଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପାଦନ କରିବାକୁ ବାଧ୍ୟ କରିଥାଏ । ଏହି ଅବସରରେ ବେଆଇନ ଆର୍ଥିକ କାରବାର ଆଇନ, ଅର୍ଥନୈତିକ ପଳାତକ ଅପରାଧୀ ଆଇନ ଆଦି ଉପରେ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଆଲୋକପାତ କରିଛନ୍ତି ।

# ରାଜନାଥ - ଇଣ୍ଡଷ୍ଟ୍ରି କନ୍‌କ୍ଲେଭ୍

ଲକ୍ଷ୍ନୌଠାରେ ଆୟୋଜିତ ଶିଳ୍ପ ସମ୍ମିଳନୀକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ସମ୍ବୋଧନ କରିବେ । ପ୍ରଧାନମନ୍ତ୍ରୀ ସେତୁ ଯୋଜନା ଅଧୀନରେ ଏହି ସମ୍ମିଳନୀ ଆୟୋଜିତ ହେଉଛି । ଦକ୍ଷତା ବିକାଶ, ଉଦ୍ୟୋଗ କ୍ଷେତ୍ର ଏବଂ ବୃତ୍ତିଗତ ଶିକ୍ଷା ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ଏହି ବୈଠକରେ ଆଲୋଚନା ହେବ ।

ଲକ୍ଷ୍ନୌକୁ ତିନିଦିନିଆ ଗସ୍ତ ଅବସରରେ ଶ୍ରୀ ସିଂହ ଗତକାଲି ଫାଗ୍ରାନ୍ସ ପାର୍କ ଉଦ୍‌ଘାଟନ କରିଥିଲେ । ସମାବେଶକୁ ସମ୍ବୋଧନ କରି ଶ୍ରୀ ସିଂହ କହିଛନ୍ତି, ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସାମାଜିକ ବନ୍ଧନକୁ ମଜବୁତ କରିବାରେ ଏହି ପାର୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏହି ଅବସରରେ ଲାଲା ଲଜପତ ରାୟ ଏବଂ ସହିଦ ଭଗତ ସିଂହଙ୍କ ପ୍ରତିମୂର୍ତ୍ତିକୁ ପ୍ରତିରକ୍ଷା ମନ୍ତ୍ରୀ ଉନ୍ମୋଚନ କରିଥିଲେ । ୪୩ କୋଟି ୧୩ ଲକ୍ଷ ଟଙ୍କାର ବଭିନ୍ନ ପ୍ରକଳ୍ପର ମନ୍ତ୍ରୀ ଶ୍ରୀ ସିଂହ ଶିଳାନ୍ୟାସ କରିଛନ୍ତି । ବାବାସାହେବ ଭୀମରାଓ ଆମ୍ବେଦକର ବିଶ୍ୱବିଦ୍ୟାଳୟର ଏକାଦଶ ସମାବାର୍ତ୍ତନ ସମାରୋହରେ ସେ ଯୋଗ ଦେଇଥିଲେ ।

# ରାଜନାଥ - ଇଣ୍ଡଷ୍ଟ୍ରି କନ୍‌କ୍ଲେଭ୍

ଲକ୍ଷ୍ନୌଠାରେ ଆୟୋଜିତ ଶିଳ୍ପ ସମ୍ମିଳନୀକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ସମ୍ବୋଧନ କରିବେ । ପ୍ରଧାନମନ୍ତ୍ରୀ ସେତୁ ଯୋଜନା ଅଧୀନରେ ଏହି ସମ୍ମିଳନୀ ଆୟୋଜିତ ହେଉଛି । ଦକ୍ଷତା ବିକାଶ, ଉଦ୍ୟୋଗ କ୍ଷେତ୍ର ଏବଂ ବୃତ୍ତିଗତ ଶିକ୍ଷା ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ଏହି ବୈଠକରେ ଆଲୋଚନା ହେବ ।

ଲକ୍ଷ୍ନୌକୁ ତିନିଦିନିଆ ଗସ୍ତ ଅବସରରେ ଶ୍ରୀ ସିଂହ ଗତକାଲି ଫାଗ୍ରାନ୍ସ ପାର୍କ ଉଦ୍‌ଘାଟନ କରିଥିଲେ । ସମାବେଶକୁ ସମ୍ବୋଧନ କରି ଶ୍ରୀ ସିଂହ କହିଛନ୍ତି, ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସାମାଜିକ ବନ୍ଧନକୁ ମଜବୁତ କରିବାରେ ଏହି ପାର୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏହି ଅବସରରେ ଲାଲା ଲଜପତ ରାୟ ଏବଂ ସହିଦ ଭଗତ ସିଂହଙ୍କ ପ୍ରତିମୂର୍ତ୍ତିକୁ ପ୍ରତିରକ୍ଷା ମନ୍ତ୍ରୀ ଉନ୍ମୋଚନ କରିଥିଲେ । ୪୩ କୋଟି ୧୩ ଲକ୍ଷ ଟଙ୍କାର ବଭିନ୍ନ ପ୍ରକଳ୍ପର ମନ୍ତ୍ରୀ ଶ୍ରୀ ସିଂହ ଶିଳାନ୍ୟାସ କରିଛନ୍ତି । ବାବାସାହେବ ଭୀମରାଓ ଆମ୍ବେଦକର ବିଶ୍ୱବିଦ୍ୟାଳୟର ଏକାଦଶ ସମାବାର୍ତ୍ତନ ସମାରୋହରେ ସେ ଯୋଗ ଦେଇଥିଲେ ।

## ଭଗଓ୍ୱତ - ୟୁ.ଏସ୍. ଭିଜିଟ୍

ପ୍ରତ୍ୟେକ ମଣିଷର ମର୍ଯ୍ୟାଦା ରହିଛି ଏବଂ ସେମାନଙ୍କ ମଧ୍ୟରେ ଭିନ୍ନତା ନ ଥାଏ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ - ଆର୍.ଏସ୍.ଏସ୍. ମୁଖ୍ୟ ମୋହନ ଭଗଓ୍ୱତ କହିଛନ୍ତି । ନିୟୁୟର୍କରେ ‘ଏକ ବିଶ୍ୱ - ଏକ ମାନବିକତା’ ଶୀର୍ଷକ ଧାର୍ମିକ ନେତୃତ୍ୱ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଭଗଓ୍ୱତ କହିଛନ୍ତି, ସବୁପ୍ରକାର ଭିନ୍ନତା ପ୍ରକୃତିଦ୍ୱାରା ସୃଷ୍ଟ ଏବଂ ଆମକୁ ତାହା ଗ୍ରହଣ କରିବାକୁ ପଡ଼ିବ । ତେବେ ବାସ୍ତବତା ହେଉଛି ଆମେ ସମସ୍ତ ଏକ । ହିନ୍ଦୁତ୍ୱ ପ୍ରତ୍ୟେକ ମଣିଷର ମର୍ଯ୍ୟାଦାକୁ ସ୍ୱୀକାର କରିବା ସହ ପ୍ରକୃତ ସତ୍ୟପାଇଁ ଭିନ୍ନ ଭିନ୍ନ ପଥ ଆପଣେଇଥାଏ ବୋଲି ସେ କହିଛନ୍ତି । ଭାରତରେ ମୁସଲମାନଙ୍କ କୌଣସି ସ୍ଥାନ ରହିବା ଉଚିତ ନୁହେଁ ବୋଲି ଚିନ୍ତାଧାରା ରଖୁଥିବା ବ୍ୟକ୍ତି ହିନ୍ଦୁ ନୁହେଁ ବୋଲି ଶ୍ରୀ ଭଗଓ୍ୱତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ନିଜ ଅଭିଜ୍ଞତା ଉପରେ ଆଲୋକପାତ କରି ସେ କହିଛନ୍ତି, ମାନବତାର ଏକତାକୁ ଚିହ୍ନିବା ଭାରତୀୟ ସାମାଜିକ ପରମ୍ପରାରୁ ହିଁ ଆସିଛି । ବାରମ୍ବାର ଆକ୍ରମଣ ଏବଂ ସଭ୍ୟତାଗତ ଐତିହ୍ୟର ଅନେକ ଉଦାହରଣ ହରାଇବା ସତ୍ତ୍ୱେ ଭାରତର ସହାବସ୍ଥାନ ବଜାୟ ରହିପାରିଛି । ସମାଜକୁ ଶିକ୍ଷା ଦେବାପାଇଁ ଧାର୍ମିକ ନେତୃତ୍ୱ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ଭଗଓ୍ୱତ୍ ଆହ୍ୱାନ ଦେଇଚନ୍ତି ।

## କ୍ରିକେଟ୍ - ୱିମେନ୍ସ ଟି-୨୦ ଏସିଆ କପ୍

ମିହଳା ଟି-ଟ୍ୱେଣ୍ଟି ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ ତା'ର ଅଭିଯାନ ଆରମ୍ଭ କରିବ । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମଠାରେ ଭାରତ' ଥାଇଲାଣ୍ଡକୁ ଭେଟିବ । ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ହର୍ମନ୍‌ପ୍ରୀତ୍ କୌର୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛି ।

ଗତକାଲି ଖେଳାଯାଇଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଶ୍ରୀଲଙ୍କା' ସଂଯୁକ୍ତ ଆରବ ଏମିରେଟ୍‌ସକୁ ୯ ୱିକେଟ୍‌ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ୟୁ.ଏ.ଇ. ୧୯ ଓଭର ୮ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୭୯ ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷକୁ ଶ୍ରୀଲଙ୍କା ୭ ଓଭର ୫ଟି ବଲ୍‌ରେ ଗୋଟିଏ ୱିକେଟ୍ ବିନିମୟରେ ହାସଲ କରିପାରିଛି ।

## ଆଇ.ଏମ୍.ଡି. - ପାଣିପାଗ

ଓଡ଼ିଶାରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଅରୁଣାଚଳ ପ୍ରଦେଶ,

ଆସାମ, ମେଘାଳୟ, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳରେ ମଧ୍ୟ ଆଜି ପ୍ରବଳ ବର୍ଷା ସମ୍ଭାବନା ରହିଛି । ବିହାର, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ପୂର୍ବ ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ପଶ୍ଚିମବଙ୍ଗର ଉପହିମାଳୟ ଅଞ୍ଚଳ, ସିକ୍କିମ ଏବଂ ବିଦର୍ଭରେ ମଧ୍ୟ ଆଜି ବର୍ଷା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।

*****